**Form No. VIII**
**(See rule ,31(a),33 (1), 51(6)]**
**PUBLIC NOTICE (Objection)**

No 133 / Ex. Dtd. 18.01.2024

Whereas, the State Government intend to grant Exclusive privilege of Dhanamandal / IMFL Off Shop at the locality and within the local area mentioned below against each for the period of the grant till To 31St March, 2024 . Objections, If any, by any person residing within the said local area, are invited by 01.02.2024. The objections shall be addressed to the undersigned and shall reach him on or before the aforesaid date. Any objection received after the said date will not be taken into consideration.

Collector
Collector, Jajpur

| Kind of Exclusive Privilege | Sl. | Locality at which the privilege is to be exercised | E.P. Area |
|---|---|---|---|
| **Dhanamandal, IMFL Off Shop** | **1** | **Old Shop Address Details :** **Excise District - JAJPUR, Site Address - AT- DHANAMANDAL, UNDER DHANAMANDAL GP, PS- BARACHANA, Land Details - PLOT NO. 695, KHATA NO. 272/116, KISAM- GHARABARI, Pin - 754024** **Proposed Shop Address for Shifting :** **Excise District - JAJPUR, P.S. - Badachana, Road Name - N/A, Mouza - Sunguda, Site Address - AT- SUNGUDA, GP - SUNGUDA, PS- BADACHANA, Land Details - PLOT NO. 1294, KHATA NO. 122, KISAM- GHARABARI, Pin - 754296** | **Whinin the Shop premises area.** |

Collector
Collector, Jajpur

Memo No. 134 /Ex. 18.01.2024 Dated.

Copy forwarded to all concerned Officer-In-Charge Excise Station and Range Inspectors of Excise in this District with instructions to affix conspicuously one copy of the Notice in the locality in which the IMFL Off Shop is proposed to be opened. This apart, contents of the Public Notice should also be proclaimed by beat of drum or by such order manner as may he found convenient. In one copy of the Notice signature of the local residents should also be obtained and sent to this office at an early date in proof of wide publicity of the Notice. All other possible measures should also be taken for wide publicity of the Notice in the specified locality and local area. Two Xerox copies of the served copy of the Notice should also be submitted along with the original served copy for necessary action at this end.

Copy to all concerned Chairpersons, Panchayat Samities, N.A.C, municipality and municipal corporation (Through local Excise Officer) For information And necessary action. Copy To concerned Sarapanch(s) (Through local Excise officer) in the District for information and necessary action.

Copy along with the list of IMFL Off Shop shops proposed to be opened in the District forwarded To all the Sub-Collectors In the District/ Deputy Commissioner Of Excise/ Supdts. Of Police for information and necessary action.

Copy to Excise Commissioner/ Under Secretary Excise Department, Odisha, for information and necessary action.

Copy to the D.I.P.R.O., for information and necessary action.

Copy to Notice Board, District Excise Office/ Collectorate.

Copy to district website through NIC

Collector
Collector, Jajpur

# ଜିଲ୍ଲା ଅବକାରୀ କାର୍ଯ୍ୟାଳୟ : ଯାଜପୁର

ସଂଖ୍ୟା......୧୩୪....../ ଅ. ତା......୧୮-୦୧-୨୦୨୪......

<u>ଫାରମ ସଂଖ୍ୟା. ୮</u>

(ରୁଲ, ୩୧(କ), ୩୩ (୧), ୫୧ (୬) ଅନୁଯାୟୀ)

<u>ଜନସାଧାରଣଙ୍କଠାରୁ ଅଭିଯୋଗ ପତ୍ର ପ୍ରାପ୍ତି ନିମନ୍ତେ ବିଜ୍ଞପ୍ତି</u>

ଯେହେତୁ, ଓଡିଶା ସରକାର ନିମ୍ନଲିଖିତ ସ୍ଥାନ ଓ ସ୍ଥାନୀୟ କ୍ଷେତ୍ର ଅଂଚଳରେ ଠିପି ବନ୍ଦ ବିଦେଶୀ ମଦ ଦୋକାନ ୨୦୨୩-୨୪ ଆର୍ଥିକ ବର୍ଷର ଅବଶିଷ୍ଟ ସମୟ ପାଇଁ (ବିଜ୍ଞପ୍ତି ପ୍ରକାଶ ଦିନଠାରୁ ତା. ୩୧.୦୩.୨୦୨୪ ରିଖ ପର୍ଯ୍ୟନ୍ତ) ମଞ୍ଜୁରୀ କରିବା ନିମନ୍ତେ (ଏହାର ବିଦ୍ୟମାନ ସ୍ଥାନଠାରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ନିମନ୍ତେ) ପ୍ରସ୍ତାବ ରଖିଛନ୍ତି । ଯଦି ଏହି ପ୍ରସ୍ତାବ ଉପରେ ସ୍ଥାନୀୟ ଅଂଚଳରେ ବସବାସ କରୁଥିବା କୌଣସି ଜନସାଧାରଣଙ୍କର କୌଣସି ଅଭିଯୋଗ ଥାଏ, ତାହେଲେ, ତା...୦୧-୦୨-୨୦୨୪... ରିଖ ସୁଦ୍ଧା ପ୍ରେରଣ କରିବା ନିମନ୍ତେ ଆମନ୍ତ୍ରଣ କରାଗଲା । ଏହି ଅଭିଯୋଗ ପତ୍ର ନିମ୍ନସ୍ୱାକ୍ଷରକାରୀଙ୍କ ଠିକଣାରେ ପ୍ରେରଣ କରିବେ ଓ ତାହା ଉପରଲିଖିତ ସମୟସୀମା ମଧ୍ୟରେ କିମ୍ବା ତା ପୂର୍ବରୁ ପହଂଚିବା ଆବଶ୍ୟକ ଅଟେ । ଉକ୍ତ ସମୟସୀମା ପରେ କୌଣସି ଅଭିଯୋଗ ପତ୍ର ପ୍ରାପ୍ତ ହେଲେ ତାହା ବିଚାରକୁ ନିଆଯିବ ନାହିଁ ।

**ଜିଲ୍ଲାପାଳ, ଯାଜପୁର**

| ଦୋକାନର ପ୍ରକାର | କ୍ରମିକ ସଂଖ୍ୟା | ଦୋକାନ ଖୋଲିବା ପାଇଁ ପ୍ରସ୍ତାବର ସ୍ଥାନ | ଖାସ ଦଖଲ ଅଂଚଳର ବିବରଣୀ |
|---|---|---|---|
| ଠିପି ବନ୍ଦ ବିଦେଶୀ ମଦ ଦୋକାନ | | | |
| **ଧାନମଣ୍ଡଳ (ବନ୍ଧାଳ)**<br>ଠିପି ବନ୍ଦ ବିଦେଶୀ ମଦ ଦୋକାନ | ୧ | ପ୍ଲଟ ନଂ-୧୨୯୪, ଖାତା ନଂ- ୧୨୨,<br>ମୌଜା- ସୁଙ୍ଗୁଡା, ଗ୍ରା.ପ.- ସୁଙ୍ଗୁଡା , ଥାନା- ବଡଚଣା | ଦୋକାନ ର ନିଜସ୍ୱ ଅବସ୍ଥିତି |

**ଜିଲ୍ଲାପାଳ, ଯାଜପୁର**

ପରିପତ୍ର ସଂଖ୍ୟା......୧୩୫....../ ଅ. ତା......୧୮-୦୧-୨୦୨୪......

ଏହାର ନକଲ ଭାରପ୍ରାପ୍ତ ଅଧିକାରୀ, ଅବକାରୀ ଥାନା, ଧର୍ମଶାଳା / ଅବକାରୀ ନିରୀକ୍ଷକ, ଯାଜପୁର ଙ୍କ ନିକଟକୁ ପ୍ରେରଣ କରି ନିର୍ଦ୍ଦେଶ ଦିଆଯାଉ ଅଛି ଯେ ଏହାର ନକଲ ଦୋକାନ ଖୋଲାଯିବା ନିମନ୍ତେ ପ୍ରସ୍ତାବିତ ଥିବା ସମ୍ପୃକ୍ତ ଅଂଚଳରେ ସହଜ ଦୃଶ୍ୟମାନ ସ୍ଥାନରେ ଲଗାଇବେ । ଏହା ବ୍ୟତୀତ ଏହି ବିଜ୍ଞପ୍ତିକୁ ଢ୍ରମ୍ ବାଦଣ କିମ୍ବା ଅନ୍ୟ ଯେ କୌଣସି ସୁବିଧା ଉପାୟରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜାରି କରିବେ । ଏହାର ଗୋଟିଏ ନକଲରେ ସ୍ଥାନୀୟ ଜନସାଧାରଣଙ୍କର ଦସ୍ତଖତ ଆଣି ଅତ୍ର କାର୍ଯ୍ୟାଳୟକୁ ଯଥାଶୀଘ୍ର ବିଜ୍ଞପ୍ତିର ପ୍ରଚାର ହୋଇଥିବା ପ୍ରମାଣ ସ୍ୱରୂପ ପ୍ରେରଣ କରିବେ । ଏହାବ୍ୟତୀତ, ସ୍ଥାନୀୟ ଅଂଚଳରେ ବ୍ୟାପକ ପ୍ରଚାର ନିମନ୍ତେ ଯଥା ସମ୍ଭବ ପଦକ୍ଷେପ ଗ୍ରହଣ କରିବେ । ଜାରି ହୋଇଥିବା ମୂଳ ବିଜ୍ଞପ୍ତି ସହିତ ଏହାର ଦୁଇକିତା ଜେରକ୍ସ ନକଲ ଅତ୍ର କାର୍ଯ୍ୟାଳୟକୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରିବେ ।

ଏହାର ଏକକିତା ନକଲ ଜିଲ୍ଲାର ସମସ୍ତ ସମ୍ପୃକ୍ତ ଚେୟାରପରସନ, ପଂଚାୟତ ସମିତି ଓ ସରପଂଚଙ୍କ (ସ୍ଥାନୀୟ ଭାରପ୍ରାପ୍ତ ଅଧିକାରୀ, ଅବକାରୀ ଥାନାଙ୍କ ମାଧ୍ୟମରେ) ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ଯାଜପୁର / ଅବକାରୀ ଉପ-କମିଶନର (କେନ୍ଦ୍ରାଂଚଳ), ଓଡିଶା, କଟକ / ଆରକ୍ଷୀ ଅଧିକ୍ଷକ, ଯାଜପୁରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଯାଜପୁରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ.ଆଇ.ସି.), ଯାଜପୁରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ନକଲ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ଯାଜପୁର / ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରର ସୂଚନା ଫଳକରେ ପ୍ରଦର୍ଶନ ନିମନ୍ତେ ପ୍ରେରଣ କରାଗଲା ।

**ଜିଲ୍ଲାପାଳ, ଯାଜପୁର**